## ସଂକ୍ଷେପରେ

### ଡ. ଅବଦୁଲ କଲାମଙ୍କ ଜୟନ୍ତୀ

ଭବାନୀପାଟଣା, ୧୭।୧୦(ନି.ପ୍ର.): ଡ. ଏପିଜେ ଅବଦୁଲ୍ କଲାମ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଗତ ସୋମବାର ଭବାନୀପାଟଣାସ୍ଥିତ ଶାସ୍ତ୍ରୀ ଶିକ୍ଷା ନିକେତନ ପରିସରରେ ପୂର୍ବତନ ଡ. କଲାମଙ୍କର ୮୬ତମ ଜନ୍ମ ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ଡ. କଲାମ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ତଥା ବିଶିଷ୍ଟ ଶିକ୍ଷକ ଦେବୀ ପ୍ରସାଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କଳାହାଣ୍ଡି ଜିଲାପାଳ ଅଞ୍ଜନ ମାଝୀନ, ମୁଖ୍ୟବକ୍ତା କଳାହାଣ୍ଡି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ସୁକାନ୍ତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କାଳିପ୍ରସାଦ ପଟ୍ଟନାୟକ, ଟ୍ରଷ୍ଟର ଉପାଧ୍ୟକ୍ଷ ସ୍ୱାଧିନ ପାତ୍ର, ଜିଲା ସୂଚନା ଅଧିକାରୀ ଭରତ ପ୍ରଧାନ, ଭବାନୀପାଟଣା ବିଭାଗ ଉଦ୍ଦୟନ ପୁରୋହିତ, ଶାସ୍ତ୍ରୀ ନିକେତନର ଅଧକ୍ଷ ଏନ୍ ଏସ୍ ଏନ୍ ଆଚାର୍ଯ୍ୟ, ଟ୍ରଷ୍ଟର ଅଧକ୍ଷା ନିହାରିକା ପୁରୋହିତ ଓ ସମ୍ପାଦକ ଆଶୁତୋଷ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବାତାବରଣରେ କୃତିତ୍ୱ ଅର୍ଜନ କରିଥିବା ଶିଶୁ ଶିଳ୍ପୀ ରୋଶନ ଭଣା, କୁନୁ ରଘୁନାଥ ସାହୁ, ଅନ୍ତର୍ଜାତିକସ୍ତରରେ ଫୁଟବଲ ଖେଳ ଖେଳାଳିମାନେ ଅଂଶ କରିଥିବା ରେଫରୀ ... ନାୟକଙ୍କୁ ପୁରସ୍କୃତ କରାଯାଇଥିଲା।

# ଅଙ୍ଗନୱାଡି କେନ୍ଦ୍ରରେ ରନ୍ଧାଯିବ ମାଣ୍ଡିଆ

ନୂଆପଡା ଅଫିସ, ୧୭।୧୦

ନୂଆପଡା ଜିଲା ପ୍ରାକୃତିକ ସମ୍ପଦରେ ଭରପୂର ରହିଛି। ଏଠାକାର ଚାଷୀ ବିଭିନ୍ନ ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ବହୁ ଅଞ୍ଚଳ ଜଙ୍ଗଲାବୃତ ଏବଂ ପାର୍ବତ୍ୟାଞ୍ଚଳ ହେତୁ ଏଠାରେ ମାଣ୍ଡିଆ, କୁହୁରୀ ଏବଂ କୋଦୋ ଭଳି ଚାଷ ଉପରେ ବିଶେଷ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏଭଳି ପୁଷ୍ଟିକର ଖାଦ୍ୟକୁ ପାଇବାପାଇଁ ଜିଲାରେ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଶିଶୁଙ୍କ ପାଇଁ ବ୍ୟବହାର କରିବାକୁ କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁର କହିଛନ୍ତି। ସେ ଦୁଇ ଦିନିଆ ନୂଆପଡା ଜିଲା ଗସ୍ତରେ ଆସି ଜିଲା ପ୍ରଶାସନର ବିଭିନ୍ନ ଯୋଜନା ଉପରେ ବୁଝି ଦେଖିଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରି ଆଲୋଚନା କରିଛନ୍ତି।

କେବିକେ ମୁଖ୍ୟ ପ୍ରଶାସକ ଠାକୁର ସୋମବାର ପୂର୍ବାହ୍ନରେ ନୂଆପଡାରେ ଆସି ପହଞ୍ଚିଥିଲେ। ସେହି ଦିନ କୋମନା ବ୍ଲକ ଗସ୍ତ କରି ସେଠାକାର ମୁଣ୍ଡାପଡା, ବିଞ୍ଜିବାହାଲ ଗ୍ରାମ ପରିଦର୍ଶନ କରି ଚାଷ ଏବଂ ଚାଷୀଙ୍କ ସମସ୍ୟା ବୁଝି ଦେଖିଥିଲେ।



କେବିକେ ମୁଖ୍ୟ ପ୍ରଶାସକଙ୍କ ନୂଆପଡା ଗସ୍ତ

- ମଶୁଡି, ଚାଷ ସମସ୍ୟା ବୁଝି ଦେଖିଲେ
- ସମୀକ୍ଷା କଲେ ପ୍ରଶାସନିକ ବ୍ୟବସ୍ଥା
- ନୂଆପଡା ଜିଲାରେ ମିଲେଟ ଚାଷକୁ ଗୁରୁତ୍ୱ

ସେ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରି ବିଭିନ୍ନ ସମସ୍ୟା ପଚାରିଥିଲେ। କେତେକ ମହିଳା ଚାଷୀଙ୍କ ସହ ମାଣ୍ଡିଆ କ୍ଷେତ୍ର ପରିଦର୍ଶନ କରି ସେମାନଙ୍କ ସହ ଆଲୋଚନା କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଠାକୁର ଜିଲାପାଳଙ୍କ ସଭାଗୃହରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଜିଲାପାଳ ଡା. ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ଚାଷ ସମସ୍ୟା ଉପରେ ବିଶଦ ରିପୋର୍ଟ ସଂଗ୍ରହ କରିବା ସହ ଆଲୋଚନା କରିଥିଲେ। ବିଶେଷ କରି ଜିଲାରେ ମିଲେଟ ଚାଷକୁ କିପରି ଗୁରୁତ୍ୱ ଦିଆଯିବ ତାହା ଉପରେ କେବିକେ ପ୍ରଶାସକ ପରାମର୍ଶ ଦେଇଥିଲେ। ରାଜ୍ୟ ମିଲେଟ ମିଶନ (କ୍ଷୁଦ୍ର ଶସ୍ୟ ମିଶନ) ଯୋଜନାରେ ଗତ ବର୍ଷ ଜିଲା ବ୍ୟାପୀ ୬୧୧ ଏକର ଜମିରେ ମାଣ୍ଡିଆ, କୁହୁରୀ, କୋଦୋ ଚାଷ କରାଯାଇଥିଲା। ଏନଜିଓ ସାଥୀ, ଜିଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସମନ୍ୱୟ ଦ୍ୱାରା ଜିଲାପାଳଙ୍କ ଅଧ୍ୟକ୍ଷତାରେ ନିୟମିତ ବୈଠକ କରି ଉପରୋକ୍ତ ଚାଷକୁ ଉତ୍ସାହିତ କରିବାକୁ ସେ କହିଥିଲେ। ପାଇଲଟ ପ୍ରୋଜେକ୍ଟ ହିସାବରେ ଜିଲାରେ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ମାଣ୍ଡିଆକୁ ଖାଦ୍ୟ ରୂପରେ ପ୍ରଚଳନ କରିବାକୁ କେବିକେ ପ୍ରଶାସକ ଠାକୁର ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ପ୍ରଥମତଃ ଏହି ଚାଷ ଏବଂ ଚାଷୀଙ୍କୁ ଉଚିତ ମିଳିବ ଏବଂ ଅନ୍ୟପଟେ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ମିଳିପାରିବ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଅଧିକାରୀମାନେ ନିଜ ନିଜର ମତାମତ ରଖିଥିଲେ। ବୈଠକରେ ଜିଲା କୃଷି ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଦାସ, ପ୍ରକଳ୍ପ ପ୍ରଶାସକ ଦୀନେଶ ନାୟକଙ୍କ ସହ ଅତିରିକ୍ତ ଜୁନ, ପଶୁ ଚିକିତ୍ସା, ଜଳସେଚନ ବିଭାଗ ଅଧିକାରୀ କର୍ମଚାରୀ ଯୋଗ ଦେଇଥିଲେ।

# ୨୯ରେ ରାଜ୍ୟସ୍ତରୀୟ ଯାଦବ ନୂଆଁଖାଇ ଭେଟ

ନୂଆପଡା ଅଫିସ, ୧୭।୧୦

ନୂଆପଡା ଜିଲାର ମହିଳାଙ୍କ ଗାଁରେ ମହକୁମା ଜିଲା ଯାଦବ ସମାଜର ... ଭାଗବତ ଭବନରେ ... ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆସନ୍ତା ୨୯ ତାରିଖରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ... ହୋଇଥିଲା। କାର୍ଯ୍ୟକ୍ରମ ସଫଳତାରେ ... ପ୍ରସ୍ତୁତି ... ସମସ୍ତ ... ଜିଲାରେ ... ଏହି ବୈଠକରେ ... ଅତିଥିମାନଙ୍କୁ ... ଏବଂ ... ଯାଦବ ... ଏବଂ ... ପ୍ରଶାସନ ... ନୂଆପଡା ... ଭଗବାନ ... ଦାସ, ... ଅଧ୍ୟକ୍ଷ ...

OFFICE OF EXECUTIVE ENGINEER
MINOR IRRIGATION DIVISION, CUTT...
GOVERNMENT OF ODISHA e-Procurement
Bid Identification No. on line EECMID- 13 ...
1. Name of work ... Renovation to ... under Extension Renovation ... scheme for the year 20...

SAMBAD
ସମ୍ବାଦ

# ନୂଆପଡ଼ାରେ କେବିକେ ମୁଖ୍ୟ ପ୍ରଶାସକ

ନୂଆପଡ଼ା, ୧୭।୧୦ (ଇମିସ): ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁରଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆପଡ଼ା ଜିଲ୍ଲାପାଳ ପୋମା ଟୁଡୁ, ଓ୍ୱାସନର ସଂପାଦକ ଦିନେଶ ବାଲାମ୍, ନୂଆପଡ଼ା କୃଷି ଉପନିର୍ଦ୍ଦେଶକ, ଏନ୍‌ଜିଓ, ଅହିଂସା କ୍ଲବ୍, ପଲ୍ଲୀ ବିକାଶ ଓ ସହଭାଗୀ ବିକାଶ ଅଭିଯାନ ଯୋଗ ଦେଇଥିଲେ। କ୍ଷୁଦ୍ର ଶସ୍ୟ ମିସନର କାର୍ଯ୍ୟକାରିତା ଜାଣିବା ପାଇଁ ମୁଖ୍ୟ ପ୍ରଶାସନ ସୋମବାର ଦିନ କୋମନା ବ୍ଲକ୍‌ର ମୁଣ୍ଡାପଲା ଓ ବାସିବାହାଲକୁ ଯାଇ ଆଦିବାସୀ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଚଳିତ ଖରିଫ ଋତୁରେ ୬୧୧ ଏକର ମାଣ୍ଡିଆ, ଗୁରୁଜୀ, କୋଦ ଫସଲ କୋମନା ବୋଡ଼େନ, ସିନାପାଲି ବ୍ଲକ୍‌ରେ ରାଜ୍ୟ ମିଲେଟ ମିସନ ଯୋଜନାରେ ଚାଷ ହୋଇଥିବା ନେଇ ବୈଠକରେ ଜଣାପଡ଼ିଛି। ସେହିପରି ପାଇଲଟ ପ୍ରୋଜେକ୍ଟରେ ଅଙ୍ଗନବାଡ଼ି କେନ୍ଦ୍ରରେ ମାଣ୍ଡିଆକୁ ଖାଦ୍ୟ ଭାବେ ପ୍ରଚଳନ କରିବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି।